# ପିଲାଙ୍କ ଧରିତ୍ରୀ

ଶନିବାର, ୧୩ ଏପ୍ରିଲ, ୨୦୧୯



# ମତାମତ

✔ ଜାପାନ୍‌ର ହାକୋନ ଓପେନ୍ ଏୟାର ମ୍ୟୁଜିୟମରେ ଥିବା ହାତ ତିଆରି ପ୍ଲେ ଗ୍ରାଉଣ୍ଡ୍ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା । ଚଗଲା ଭୀମୁ ଏବଂ ଖିଲିଖିଲି ହସ ପଢି ଖୁବ୍ ହସିଲି ।

– ଅନିମେଷ ଆଚାର୍ଯ୍ୟ
ବେଗୁନିଆ, ଖୋର୍ଦ୍ଧା

✔ କହିଲ ଦେଖିରେ ଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ମଜା ଲାଗୁଛି । କୁନି କୁନି ପିଲାଙ୍କ ତୂଳୀରେ ସ୍ଥାନ ପାଇଥିବା ଚିତ୍ରଗୁଡିକ ସୁନ୍ଦର ହୋଇଥିଲା ।

– ମିକି, ରୋଜି
ନିମାପଡା, ପୁରୀ

✔ ଜଣା ଅଜଣା ପୃଷ୍ଠାରୁ ଅନେକ ନୂଆକଥା ଜାଣିବାକୁ ମିଳୁଛି ।

– ବିଶ୍ୱରଞ୍ଜନ ସାହୁ
ସତ୍ୟନଗର, ଭୁବନେଶ୍ୱର

## ବିନ୍ଦୁ ଯୋଡ଼





# ବାବୁଲାର ସ୍ୱପ୍ନ

ଗପ

ବାବୁଲା ଭାରି ଚାଲାକ । ଅଷ୍ଟମ ଶ୍ରେଣୀରେ ପଢେ । ପାଠରେ ଯେମିତି ଖେଳରେ ମଧ୍ୟ ସେମିତି । ହେଲେ କ'ଣ ହେବ । ତା'ର ଗଣିତ ପାଠ ଜମା ହୁଏନାହିଁ । ଗଣିତ ପିରିୟଡରେ ତାକୁ ଯେମିତି ଜ୍ୱର ମାଡ଼ିଆସେ । ପାଟି ଶୁଖିଯାଏ । ଦିନେ ଗଣିତ ପଢାଉଥିବା କାହ୍ନୁ ଗୁରୁଜୀ ସ୍କୁଲକୁ ଆସି ନ ଥିଲେ । ବାବୁଲାର ଖୁସି କହିଲେ ନ ସରେ । ଗଣିତ ପିରିୟଡରେ ଇତିହାସ ଦିଦି ଆସି ଆଲ୍ଲାଦିନ୍‌ର କୁହୁକ ଦୀପ ଗପ କହିଲେ । ସ୍କୁଲରୁ ଆସିବା ପରେ ବାବୁଲାର ଗୋଟିଏ ନିଶା 'ମୋତେ କୁହୁକ ଦୀପଟିଏ ମିଳନ୍ତା କି ? ତାହାହେଲେ ଏହି ଗଣିତ ପାଠରୁ ମୁକ୍ତି ମିଳିଯାଆନ୍ତା । କିନ୍ତୁ ସେ ଭାଗ୍ୟ କାହିଁ ? କାଲି କାହ୍ନୁ ଗୁରୁଜୀ ନିଶ୍ଚୟ ଆସିବେ । ଦେଇଥିବା ଗଣିତ ପାଠ ମାଗିବେ । ଏହା ଭାବି ଭାବି ବାବୁଲା ଶୋଇ ପଡିଲା । ଗଭୀର ନିଦରେ ଶୋଇଗଲା ପରେ ବାବୁଲା ସ୍ୱପ୍ନ ଦେଖିଲା ଯେ, ସେ ତା' ଆର ଦିନ ସକାଳୁ ଉଠି ବାରିଆଡେ ଥିବା ପୁରୁଣା ଘର ଯେଉଁଠି ପୁରୁଣା ଆସବାବପତ୍ର ରଖାଯାଇଥିଲା ସେଠାରେ ଯାଇ ପହଞ୍ଚିଲା । ପୁରୁଣା ଜିନିଷ ଦେଖୁ ଦେଖୁ ତାକୁ ଗୋଟିଏ ଦୀପ ମିଳିଗଲା । ଠିକ୍ ଆଲ୍ଲାଦିନ୍‌ର କୁହୁକ ଦୀପ ଭଳି । ବାବୁଲାର ଖୁସି ଦେଖେ କିଏ ? ସଙ୍ଗେ ସଙ୍ଗେ ସେ ତା' ପିନ୍ଧିଥିବା ଜାମାରେ ଦୀପଟିକୁ ଘଷିବାକୁ ଲାଗିଲା । ଦେଖୁ ଦେଖୁ ସେଥିରୁ ଗୋଟେ ଜିନ୍ ବାହାରି ବାବୁଲା ଆଗରେ ହାତ ଯୋଡି କହିଲା ପ୍ରଭୁ ! ଆଦେଶ ଦିଅନ୍ତୁ । ବାବୁଲା କାଳ ବିଳମ୍ବ ନ କରି ଆଦେଶ ଦେଲା ଆଜି ବହୁତ ଜୋରରେ ବର୍ଷା କରାଅ ଯେମିତି କେହି ଘରୁ ବାହାରିପାରିବେ ନାହିଁ । ଆଉ ସ୍କୁଲ ଛୁଟି ହୋଇଯିବ । ସଙ୍ଗେ ସଙ୍ଗେ ବର୍ଷା ସହ ବିଜୁଳି ଓ ଘଡଘଡି ଆରମ୍ଭ ହୋଇଗଲା । ବାବୁଲା ଖୁସିରେ ନାଚିବାକୁ ଲାଗିଲା । ସେତେବେଳେ ହଠାତ୍ ଜୋରରେ ଘଡଘଡି ହେଲା ଓ ବାବୁଲାର ନିଦ ଭାଙ୍ଗିଗଲା । ସେ ଦେଖିଲା ସତରେ ବାହାରେ ବର୍ଷା ହେଉଛି । ବାବୁଲାର ସ୍ୱପ୍ନ କଥା ମନେ ପଡିଗଲା ।ବର୍ଷାକୁ ଦେଖି ବାବୁଲା ମନ ଦୁଃଖରେ ଭାଙ୍ଗିପଡିଲା । ସେ ଭାବିଲା, ମୁଁ କେତେବଡ ଭୁଲ କଲି ? ବର୍ଷା ବଦଳରେ ଯଦି ମୁଁ କହିଥାନ୍ତି ମୋର ଗଣିତ ଭଲହେଉ ତାହା ହେଲେ ମୋର ଗଣିତପାଠ ଭଲ ହୋଇଥା'ନ୍ତା ଏବଂ କ୍ଲାସରେ କାହ୍ନୁ ଗୁରୁଜୀଙ୍କୁ ଭୟ କରିବାକୁ ପଡି ନ ଥା'ନ୍ତା ।



–ନିଝାର ଅଲି ଦାମାନୀ
ବଚପନ ପ୍ଲେ ସ୍କୁଲ
ହାକିମପଡା, ଅନୁଗୋଳ
ମୋ:୯୮୫୩୩୫୩୭୦୬

# ଖିଲି ଖିଲି ହସ

**ଭଗବାନ୍ ଓ ଭକ୍ତ ମଧ୍ୟରେ କଥାବାର୍ତ୍ତା**

ଭଗବାନ: କ'ଣ ଦରକାର ତୁମର ?
ଭକ୍ତ: ଗୋଟିଏ ଚାକିରି,ଯେଉଁଠି ଖାଲି ଟଙ୍କା ଭର୍ତ୍ତି ହୋଇଥିବ ଆଉ ମୁଁ ସେଠି ଏସି ଲଗାଇ ଶାନ୍ତିରେ ବସିଥିବି ।
ଭଗବାନ: ତଥାସ୍ତୁ
ବିଚରା ଭକ୍ତ ଏବେ ବ୍ୟାଙ୍କ ଏଟିଏମ୍‌ର ସିକ୍ୟୁରିଟି ଗାର୍ଡ, ନିତି ଏସିରେ ବସୁଛି ଉଠୁଛି ।

ମଣ୍ଟୁ ଇଣ୍ଟରଭ୍ୟୁ ଦେବାକୁ ଗଲା ।
ବସ୍ ପଚାରିଲେ: ତୁମେ କେତେ ଭାଇ ଭଉଣୀ ?
ମଣ୍ଟୁ: ପାଞ୍ଚ ।
ବସ୍: ତା' ମଧ୍ୟରୁ ତୁମର କେଉଁ ନମ୍ବର ?
ମଣ୍ଟୁ: ଏୟାରଟେଲ ।

ସୁଦାମ ହାତରେ ବ୍ଲେଡ ମାରୁଥାଏ ।
ଏହାଦେଖି ତାଙ୍କ ସ୍ତ୍ରୀ କହିଲେ: ଏ କ'ଣ କରୁଛ ?
ସୁଦାମ: ଡେଟଲ ବୋତଲ ଭାଙ୍ଗିଯାଇଛି । କାଳେ ତଳେ ପଡି ନଷ୍ଟ ନ ହୋଇ ଯିବ, ସେଥିପାଇଁ ହାତ କାଟୁଛି, ସେଥିରେ ଲଗାଇବା ପାଇଁ । ଆସ ତୁମ ଆଙ୍ଗୁଠି ବି କାଟିଦେବି ।

# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

# ଜଳ ଆମ ଜୀବନ

ପିଲାମାନେ, ତୁମେମାନେ ଜାଣିଛ ଜଳ ଆମ ଜୀବନ। ଖାଇବା, ପିଇବା, ଧୋଇବା, ଗାଧୋଇବା, ଏମିତିକି ଶୌଚ ହେବା କାମରେ ଆମର ଜଳ ଦରକାର ପଡିଥାଏ। କହିବାକୁ ଗଲେ ସକାଳୁ ବିଛଣାରୁ ଉଠିଲାଠାରୁ ପୁଣି ରାତିକୁ ବିଛଣାକୁ ଗଲା ଯାଏ ଆମକୁ ଜଳର ଆବଶ୍ୟକତା ରହିଛି। ତେଣୁ ଜଳ ବିନା ଆମେ କ୍ଷଣେ ବି ବଞ୍ଚିପାରିବା ନାହିଁ। ଜଳ ବିନା ଆମେ କ'ଣ, ପଶୁ-ପକ୍ଷୀ, ତରୁ-ଲତା କେହି ବି ବଞ୍ଚିପାରିବେ ନାହିଁ।

ଆଚ୍ଛା, ପିଲାଏ କହିଲ, ତୁମେମାନେ ଜଳ ସାରିବା କଥା ଜାଣିଛ, କିନ୍ତୁ କେବେ ଜଳ ସଂରକ୍ଷଣ କରିବା କଥା ଭାବିଛ? ନୁହେଁ ନା! ହଁ, ଏବେ ଗୋଟାଏ କଥା ମନକୁ ନିଅ। ବାଟରେ ଗଲାବେଳେ ତୁମେମାନେ ରାସ୍ତାକଡ଼ରେ ଅନେକ ପାଣି କଳ ଥିବା ଦେଖିଥିବ। ଆଉ ସେଥିରୁ ଅଯଥା ପାଣି ବାହାରି ତଳେ ପଡୁଥିବା ବି ତୁମ ନଜରରେ ପଡିଥିବ। ଏମିତିକି ବେଳେ ବେଳେ ରାସ୍ତାକଡ଼ରେ ଥିବା ପାଇପ୍ ଲାଇନ୍ ଫାଟି ସେଥିରୁ ମଧ୍ୟ ପାଣି ବାହାରି ଅଯଥା ବହୁଥିବା ତୁମେ ଦେଖିଥିବ। ନୁହେଁ? ସେହି ବାଟ ଦେଇ ଅନେକ ଲୋକ ଯିବା ଆସିବା କରନ୍ତି। ପାଣି କଳରୁ ପାଣି ବାହାରି ଅଯଥା ତଳେ ପଡି ନଷ୍ଟ ହେବା ଦେଖନ୍ତି; କିନ୍ତୁ କେହି ବି ପାଣି କଳଟିକୁ ବନ୍ଦ କରନ୍ତି ନାହିଁ। ଯିଏ ଯାହା କାମରେ ବ୍ୟସ୍ତ। କିଏ କାହିଁକି ଅବା ସେ ଆଡକୁ ମନ ଦେବ। ଯାହା ଫଳରେ ଅଯଥା ଜଳ ନଷ୍ଟ ହୁଏ। ତେବେ ଆଜି ମୁଁ ତୁମମାନଙ୍କୁ ସେହି ଜଳ ସଂରକ୍ଷଣ ବିଷୟରେ ଛୋଟ ସତ ଘଟଣାଟିଏ କହୁଛି ମନ ଦେଇ ଶୁଣ-

ଥରେ ଗୋଟିଏ ପାତିମାଙ୍କଡ଼ ଦଳ ବଣ ଛାଡି ସହର ଆଡ଼କୁ ମୁହାଁଇଲେ। କାରଣ ଲୋକେ ଗଛ କାଟି ବଣ ପଦା କରିଦେଲେ। ବଣ ଉଜୁଡିଗଲା। ତାଙ୍କ ବସା ଭାଙ୍ଗିଗଲା। ସେମାନେ ରହିବାକୁ ଓ ଖାଇବାକୁ ପାଇଲେ ନାହିଁ। ଏଣୁ ସହରକୁ ଚାଲି ଆସିଲେ। ପାତିମାଙ୍କଡ଼ ଦଳ ସହର ଆସି ଦେଖିଲେ, ସହରଟା ଭାରି ଗହଳ ଚହଳ। ବଜାର ବାଟ ଅଛି। ଖାଇବା ଦରବର ଅଭାବ ନାହିଁ। ମାଳକୁ ମାଳ କୋଠାଘର। ଏସବୁ ଦେଖି ପାତିମାଙ୍କଡ଼ ଦଳକୁ ଭାରି ମଜା ଲାଗିଲା। ତେଣୁ ସେମାନେ ଆଉ ବଣକୁ ନ ଯାଇ ସହରରେ ରହିଗଲେ। ଦିନ ସାରା ସହରରେ କୋଠାକୁ କୋଠା ଡେଇଁ ଯାହା ଘରୁ ଯାହା ମିଳିଲା ଖାଇ, ରାତିରେ ଗୋଟିଏ ପୁରୁଣା ଝଙ୍କାଳିଆ ଗଛରେ ବସା କରି ବେଶ ଆରାମ୍‌ରେ ରହିଲେ।

ସେହି ପାତି ଦଳରେ ଗୋଟାଏ ଟୋକା ମାଙ୍କଡ଼ ଥିଲା। ସେହି ପାତିମାଙ୍କଡ଼ ଅନ୍ୟ ମାଙ୍କଡ଼ଠୁ ଟିକେ ଅଲଗା ଥିଲା। କାରଣ ସେ ଭାରି ଚତୁର ଆଉ ବୁଦ୍ଧିଆ। ସେ ଯେତେ କାମ ସବୁ ଅକଲ ଖଟାଇ କରେ। ସେଥିପାଇଁ ଦଳରେ ତା'ର ଢେର ଖାତିର।

ଦିନକର କଥା। ସେଦିନ ଟୋକା ମାଙ୍କଡ଼ କାହା ମୁହଁ ଦେଖିଥିଲା କେଜାଣି, ଖାଇବା ମୁଠିଏ ପାଇଲା ନାହିଁ। ସକାଳ ପହରୁ ଖାଦ୍ୟ ପାଇଁ ସେ



ଖୋଜି ବୁଲିଲା ଯେ, ଦି'ପହର ଆସି ହେଲା, ତଥାପି ତାକୁ କିଛି ଖାଇବାକୁ ମିଳିଲା ନାହିଁ। ଖରାଦିନ, ନାହିଁ ନ ଥିବା ଖରା। ସୂରୁଯ ଆସି ମୁଣ୍ଡ ଉପରେ। ଉପର ତାତିକୁ ତଳ ତାତି। ସମ୍ଭାଳି ହେଉ ନ ଥାଏ। ଭୋକ ଓ ଶୋଷରେ ପାତି ଛଟପଟ ହେଉଥାଏ। ଭୋକ, ଶୋଷ ସହିତ ତାକୁ ଥକା ମଧ୍ୟ ଲାଗୁଥାଏ। ଟିକେ ଥକା ମାରିବା ପାଇଁ ସେ ଗୋଟିଏ କୋଠାଘର ଛାତ ଉପରେ ଆସି ବସିଲା। ଭାବିଲା ଖାଇବାକୁ ନ ମିଳିଲା ନାହିଁ, ଅନ୍ତତଃ ପାଣି ଟୋପାଏ ମିଳିଲେ ବି ଜୀବନଟା ରହିଯାଆନ୍ତା। ଏମିତି ଭାବି ସେ ଚାରିଆଡକୁ ଚାହିଁଲା। ହଠାତ୍ ତା' ନଜର ଗୋଟିଏ ପାଣିକଳ ଉପରେ ପଡିଲା। ସେ ଦେଖିଲା, ଲୋକଟିଏ ଆସି ରାସ୍ତା କଡ଼ରେ ଥିବା ପାଣି କଳରୁ ପାଣି ପିଇଲା। କଳ ଚାବିଟିକୁ ବନ୍ଦ ନ କରି ଚାଲିଗଲା। ପାଣି କଳରୁ ପାଣି ବାହାରି ତଳେ ପଡୁଛି। କେହି ବି ପାଣି ନେଉନାହାନ୍ତି। ଲୋକେ ପାଣି କଳ ପାଖ ଦେଇ ରାସ୍ତାରେ ଯିବା ଆସିବା କରୁଛନ୍ତି। ପାଣି ସେମିତି ଯଥା ବହି ଚାଲିଛି। ବାଟଘାଟ ସବୁ କାଦୁଅ ହେଲାଣି। କାଦୁଅ ପାଣିକୁ ଡେଇଁ ଲୋକେ ଯିବା ଆସିବା କରୁଛନ୍ତି ସିନା କେହି ବି ପାଣି କଳଟିକୁ ବନ୍ଦ କରୁ ନାହାନ୍ତି।

ପାତିମାଙ୍କଡ଼ ପାଣି କଳ ପାଖକୁ ଆସିଲା। ଚାରିଆଡକୁ ଚାହିଁଲା। ଦେଖିଲା କେହି କୁଆଡେ ନାହିଁ। ନିଜକୁ ସୁରକ୍ଷିତ ଭାବିଲା। ଆଗେ ସେ ମୁହଁ ଲଗାଇ ପେଟେ ପାଣି ପିଇଲା। ଏବେ ତାକୁ ଟିକେ ଭଲ ଲାଗିଲା। ତାପରେ ପାତି କ'ଣ କଲା ପିଲେ ଜାଣିଛ? ସେ ପାଣି କଳଟିର ଚାବିଟିକୁ ବନ୍ଦ କରିଦେଲା। କଳରୁ ଅଯଥା ପାଣି ନଷ୍ଟ ହେବା ବନ୍ଦହେଲା। ବାଟଘାଟ ବି ଆଉ ଅଧିକା ଅସନା ହେଲା ନାହିଁ। କଳ ବନ୍ଦ କରି ପାତି ଦେଖିଲା କଳରୁ ପାଣି ବାହାରୁ ନାହିଁ, ଏବେ ସେ ଖୁସି ମନରେ ଡେଇଁ ଡେଇଁକା ତା' ବାଟରେ ସିଏ ଚାଲିଗଲା। ଏଠି ଗପଟି ସରିଲା ପିଲାଏ। ଯେଉଁ କାମ ଆମେ ମଣିଷମାନେ କରିବା କଥା, ତାହା ଗୋଟିଏ ପଶୁ କରି ଦେଖେଇଦେଲା। ଆଉ ଆମକୁ ଚେତାଇ ଦେଲା ଯେ, ମଣିଷ ଭାଇ! ଅଯଥା ପାଣି ନଷ୍ଟ ନ କରି ସଂରକ୍ଷଣ କର।

ଏବେ ତୁମେ କୁହ ପିଲାଏ, ଆମେ ମଣିଷ ହୋଇ ନିଜ ପାଇଁ କ'ଣ ଏତିକି କରିପାରିବା ନାହିଁ? ହଁ, ଆମେ ଶପଥ ନେବା। ନିଶ୍ଚୟ ପାରିବା। ଜଳ ନଷ୍ଟ ବଦଳରେ ଆମ୍ଭେମାନେ ଜଳ ସଂରକ୍ଷଣ କରିବା।

ତୁମେମାନେ ଜାଣିଛ ପିଲାଏ, ବୈଜ୍ଞାନିକମାନେ ଆମକୁ ସତର୍କ କରେଇ ଦେଲେଣି ଯେ, ଜଳସ୍ତର ଦିନକୁ ଦିନ କମି କମି ଆସିଲାଣି। ଏବେଠୁଁ ଯଦି ଜଳ ସଂରକ୍ଷଣ ନ ହୁଏ; ଆଉ କେତେଟା ବର୍ଷ ପରେ ଆମକୁ ଜଳ ଟୋପାଏ ବି ମିଳିବା କଷ୍ଟ ହୋଇଯିବ। ଏଣୁ ଆଜିଠୁଁ ଆମେ ସମସ୍ତେ ଅଯଥା ପାଣି ନଷ୍ଟ କରିବା ନାହିଁ। ଆମ କାମ ପାଇଁ ଆମକୁ ଯେତିକି ପାଣି ଦରକାର, ସେତିକି କାମରେ ଲଗାଇ ବାକି ଜଳ ସଂରକ୍ଷଣ କରିବା। ଏଥିପ୍ରତି ଆମେ ସମସ୍ତେ ସଜାଗ ହେବା ନିହାତି ଆବଶ୍ୟକ। ତେବେ ଯାଇ ଆମ ଜୀବନ ସୁଖ ଓ ଶାନ୍ତିରେ କଟିବ।

**-ଯଜ୍ଞଦତ୍ତ ସାମନ୍ତରାୟ**
*ସମ୍ପାଦକ- 'ଗୁଞ୍ଜନ' କବିସୂର୍ଯ୍ୟନଗର, ଗଞ୍ଜାମ*
*ମୋ: ୯୩୩୭୪୪୪୯୨୪*

ଆସ ଜାଣିବା

# ମ୍ୟାଚ୍‌ଷ୍ଟିକ୍ ମାର୍ଭେଲ ମ୍ୟୁଜିୟମ୍







ପର୍ଯ୍ୟଟକଙ୍କ ମନୋରଞ୍ଜନ ଲାଗି ପୃଥିବୀରେ ରହିଛି ଏଭଳି ଅନେକ ମ୍ୟୁଜିୟମ୍ ଯେଉଁଠାରେ ସାଇତାହୋଇ ରହିଛି ଯୁଗ ପୁରୁଣା ସାମଗ୍ରୀ। କିଛି ମ୍ୟୁଜିୟମ୍ ଏଭଳି ମଧ୍ୟ ରହିଛି ଯାହା କେବଳ ଉତ୍ସର୍ଗ କରାଯାଇଛି କିଛି ସ୍ୱତନ୍ତ୍ର କଳାକୃତି ପାଇଁ। ସେଭଳି ଏକ ମ୍ୟୁଜିୟମ୍ ହେଉଛି 'ମ୍ୟାଚ୍‌ଷ୍ଟିକ୍ ମାର୍ଭେଲ ମ୍ୟୁଜିୟମ୍।' ଆମେରିକାର ଗ୍ଲାଡବୃକ୍ ସହରରେ ରହିଛି ଏହି ପ୍ରସିଦ୍ଧ ମ୍ୟୁଜିୟମ୍ ଯେଉଁଠାରେ ଦିଆସିଲି କାଠିରେ ନିର୍ମିତ ହୋଇ ରହିଛି ବିଭିନ୍ନ କଳାକୃତି। ଆମେରିକାର ପାଟ୍ରିକ୍ ଅକ୍ଟନ୍ ନାମକ ଜଣେ ବ୍ୟକ୍ତି ଏହି ମ୍ୟୁଜିୟମ୍ ନିର୍ମାଣ କରିଥିଲେ। ଏଠାରେ ତାଙ୍କ ଦ୍ୱାରା ଦିଆସିଲି କାଠିକୁ ବ୍ୟବହାର କରି ଡିଜାଇନ୍ କରାଯାଇଥିବା ବିଭିନ୍ନ କଳାକୃତିକୁ ସାଇତି ରଖାଯାଇଛି। ପାଟ୍ରିକ୍‌ଙ୍କ ପିଲାବେଳୁ ଦିଆସିଲି କାଠିକୁ ବ୍ୟବହାର କରି ବିଭିନ୍ନ କଳାକୃତି ନିର୍ମାଣ କରିବାରେ ଆଗ୍ରହ ଥିଲା। ସାଧାରଣ ଦିଆସିଲି କାଠି, ଅଠା, ଛୁରି, ସ୍ୟାଣ୍ଡ ପେପର ଆଦିକୁ ବ୍ୟବହାର କରି ସେ ବିଭିନ୍ନ ଷ୍ଟାଚ୍ୟୁ, ପଶୁପକ୍ଷୀଙ୍କ ଆକୃତି ଆଦି ନିର୍ମାଣ କରୁଥିଲେ। ହଜାର ହଜାର ଦିଆସିଲି କାଠିକୁ କାଟି, ଅଠାରେ ଯୋଡି ସେ ବିଭିନ୍ନ ଆକାର ଦେଇସାରିବା ପରେ ସ୍ୟାଣ୍ଡ ପେପରରେ ଘଷି ତାକୁ ସମ୍ପୂର୍ଣ୍ଣ ରୂପ ଦିଅନ୍ତି। କାଳକ୍ରମେ ଏହିସବୁ ସ୍ଥାପତ୍ୟକୁ ନେଇ ସେ ଏକ ମ୍ୟୁଜିୟମ୍‌ର ରୂପ ଦେଲେ ଯାହା ଅନେକ ଲୋକପ୍ରିୟତା ଲାଭ କଲା। ପାଟ୍ରିକଙ୍କ ଏହି ମ୍ୟୁଜିୟମ୍‌ରେ ଟୁ ହେଡେଡ୍ ଡ୍ରାଗନ୍, ଷ୍ଟିମ୍ ଇଞ୍ଜିନ୍ ଟ୍ରେନ୍, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ହ୍ୟାରି ପୋଟର ହୋଗୱାର୍ଟସ୍ ଆଦିର ଅବିକଳ ମଡେଲ ସବୁ ସାଇତା ହୋଇ ରହିଛି।








୧


୨


୩


୪


୫


୬


୭


୮


୯


ଶ୍ରୀୟଙ୍କା ମିଶ୍ର
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଗାନ୍ଧୀଛକ, ଚୌଦ୍ୱାର,କଟକ
୧


ଶ୍ରେୟାଂଶୁ ହୋତା
କ୍ଲାସ-୨, ସାରସ୍ୱତ ବାଲ୍ ମନ୍ଦିର, ଜୟପୁର, କୋରାପୁଟ
୨


ଅଭୀପ୍ସା ମହାନ୍ତି
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୟାବଜାର, କଟକ
୩


ଅନୁଷ୍କା ବେଉରା
କ୍ଲାସ-୫, ସେଣ୍ଟ ଜୋସେଫ୍ ହାଇସ୍କୁଲ୍, ରସୁଲଗଡ଼, ଭୁବନେଶ୍ୱର
୪


ଆଦିତ୍ୟ କୁମାର ବେହେରା
କ୍ଲାସ-୭, ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ, ପଟିଆ, ଭୁବନେଶ୍ୱର
୫


ମହିମା ଆଦିତ୍ୟ ବେହେରା
କ୍ଲାସ-୫, ଡିଏଭି ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର
୬


ପୀୟୂଷ ମହାନ୍ତି
କ୍ଲାସ-୬, କେମ୍ବ୍ରିଜ୍ ସ୍କୁଲ, ପୁଣେ, ମହାରାଷ୍ଟ୍ର
୭


ମିତାଂଶୀ ମିଶ୍ର
କ୍ଲାସ-ପ୍ରେପ୍-୨, ସଲ୍ଟ ଲେକ୍ ସ୍କୁଲ, କୋଲକାତା
୮


ଶୁଭଙ୍କର ଚଇନି
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲୁଙ୍ଗା, ରାଉରକେଲା
୯



କବିତା

# ପରବ ପରି ପରବ

–ଛନ୍ଦା ମିଶ୍ର

ସୂରୁଯ ତାପେ ଜଳୁଛି ଧରା
ଜଳୁଛି ଦେହ ମନ
ଶୀତଳ ଜଳ ଟୋପାଏ ପାଇଁ
ବିକଳ ହୁଏ ପ୍ରାଣ ।
ପ୍ରକୃତି ସାଥେ ପ୍ରାଣୀଙ୍କ ହିତେ
ଚଳଣି ଆମ ଖଞ୍ଜା
ଦେବୀ ରୂପରେ ପ୍ରକୃତି ମାତା
ପାଆନ୍ତି ଏଠି ପୂଜା ।
ପରବ ପରି ପରବଟିଏ
ପରବ ଯାକେ ରାଣୀ
ମହାବିଷୁବ ପଣାସଂକ୍ରାନ୍ତି
ନାମଟି ରଖ ଜାଣି ।
ମହାବୀରଙ୍କ ଜନମ ଦିନ
ହିନ୍ଦୁଙ୍କ ନବବର୍ଷ
ଉଲ୍ଲାସ ମନେ ସଭିଏଁ ତାକୁ
ପାଳନ୍ତି ହୋଇ ହର୍ଷ ।
ତୁଳସୀମୂଳେ ପାଣି କେ ଢାଳେ
କିଏ ବା କରେ ଛାଇ
ବସନ୍ତରା' ସେ ଘଡ଼ିର ନାମ
ଆଣେ ବା କେହି ଯାଇ ।
କିଏ ସେ ଆଣେ ବେଲ ଶାକର
କିଏ ବା'ଆଣେ ଛେନା
କିଏ ନଡ଼ିଆ କଦଳୀ ଆଣି
ତିଆରି କରେ ପଣା ।
ମଧୁରପଣା ଦେହ ମନକୁ
କରଇ ସତେଜ ତାଜା,
ସଭିଏଁ ମିଶି ଏକାଠି ବସି
ଲୁଟନ୍ତି ଯେତେ ମଜା ।
ପରବ କହେ ପ୍ରକୃତି କଥା
ଦିଏ ଆମକୁ ଶିକ୍ଷା
ରଖିଲେ ମାନ ମହତ ତା'ର
କରେ ଜୀବନ ରକ୍ଷା ।

–୩ଆର/୬, ବିଜେବିନଗର, ଭୁବନେଶ୍ୱର



# ବିଷୁବ ସଂକ୍ରାନ୍ତି

– ଡ.ଗଙ୍ଗୋତ୍ରୀ ଦେବୀ

ଝାଇଁ ଝୁମୁ ଝୁମୁ ଝୁମୁରୁ ଝାଇଁ, ଖରାମାଡି ଆସେ ଟାଇଁ ଟାଇଁ ।
ମନ୍ଦ ମଳୟର ଛନ୍ଦ ହଜିଲା, ଧୀରେଧୀରେ ତାପ ପ୍ରଖର ହେଲା ।
ଉତ୍ତରମେରୁରୁ ସୂରୂଜ ଚଳି, ବିଷୁବରେଖାକୁ ଆସିଲେ ବୁଲି ।
ବିଷୁବାୟନ ପବିତ୍ର ମୁହୂର୍ତ୍ତ , ବିଷୁବସଂକ୍ରାନ୍ତି ନାମରେ ଖ୍ୟାତ ।
ବାରରାଶି ମଧ୍ୟେ ମେଷ ପ୍ରଥମ, ସୂର୍ଯ୍ୟ କରନ୍ତି ଏଥି ଅବସ୍ଥାନ ।
ଓଡ଼ିଆଙ୍କ ନବବର୍ଷଟି ଏହି, ଆଧ୍ୟାତ୍ମିକତାର ସ୍ପର୍ଶେ ଭିଜାଇ ।
ବର୍ଷର ପ୍ରଥମ ଦିନଟି ଅଟେ, ଦେବପୂଜା ପଣା ଲାଗିରେ କଟେ ।
ଶରୀର ଉତ୍ତାପ ସନ୍ତୁଳନର, ବିଧି ଛତୁଆ ପଣା ସେବନର ।
ମହାବୀର ହନୁମାନ ଜୟନ୍ତୀ, ଦାନଧର୍ମେ ଲୋକ ଦିନ କାଟନ୍ତି ।
ବୁନ୍ଦା ଜଳସେଚନର ନିୟମ, ବସନ୍ତରା ଘଡି ତା'ର ପ୍ରମାଣ ।
ସବୁରି ହୃଦେ ବିଜେ ଭଗବାନ, ଜଳ ଦାନକରି ରଖ ଜୀବନ ।
ଆମଧର୍ମ ସଂସ୍କୃତି କହେ, ନୂତନ ସ୍ୱାଗତ ଏପରି ହୁଏ ।
ବିଷୁବସଂକ୍ରାନ୍ତିର ଏହି ତଥ୍ୟ, ଉଦ୍‌ଯାପନ ହୁଅଇ ଝାମୁବ୍ରତ ।

*–ପ୍ରଧାନ ଶିକ୍ଷୟିତ୍ରୀ, ଏଗ୍ରିକଲ୍‌ଚର କଲୋନୀ ପ୍ରାଥମିକ ବିଦ୍ୟାଳୟ, ଭୁବନେଶ୍ୱର*

# କହିଲ ଦେଖି

୧) ରହିଥାଏ ସଦା ଜନହିତରେ
ଠିଆହୋଇଥାଏ ରାସ୍ତା କଡ଼ରେ
ଗଢ଼ିବା ପାଇଁକି ସ୍ୱଚ୍ଛ ଭାରତ
ମୋ ସାଥିରେ ଥରେ ବସିଯା ମିତ ।



ଉ– ଅଳିଆକୁଣ୍ଡ

୨) କିଏ ସେ କହିବ
ନାଆଁଟି ତା'ର
ପିତାମାତାଙ୍କୁ ସେ କରେ
ଆଦର
ଦୃଷ୍ଟିହୀନ ଥିଲେ ତା'
ପିତାମାତା
କାନ୍ଧେଇ ବୁଲୁଥିଲା ସେ
କରି ଦେବତା ।

ଉ– ଶ୍ରବଣକୁମାର





୩) ଧୋବ ଫର ଫର
ଚେହେରା ତାହାର
ପବନରେ ଦୋଳି ଖେଳେ
ଶରତ ଆସିଲେ ନଈର
ପଠାରେ
ଘରଟା ତାହାର ତୋଳେ ।

ଉ– କାଶତଣ୍ଡୀ



୪) ଗୋଟିଏ ଫଳରେ ଖାଦ୍ୟ
ତିନୋଟି
କଞ୍ଚା ବେଳେ ସଜ ତା'ର ନାମଟି
ପାଚିଲେ ସେଥିରେ ହୁଅଇ ପିଠା
ସେ ପିଠା ଲାଗଇ ବହୁତ ମିଠା
ଭିତର ଅଂଶକୁ ଫିଙ୍ଗି ଦେଲା
ପରେ
କିଛିଦିନ ପରେ ଆସେ ଗଜା
ନାମରେ ।

ଉ– ତାଳ

–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
ମୋ: ୮୮୯୨୩୦୧୧୪୩

# ପାର୍ଥକ୍ୟ ଦର୍ଶାଅ



# ଆର ଥରର ଉତ୍ତର



* ଅଙ୍ଗାରକାମ୍ଳ
* ନାଇଟ୍ରୋଜେନ୍
* ଆର୍‌ଗନ୍
* ଅମ୍ଳଜାନ
* ଅତିବାଇଗଣୀ ରଶ୍ମି

# ଏଥରର ପ୍ରଶ୍ନ

- ଭାରତରେ ଭୋଟ ଦେବାର ସର୍ବନିମ୍ନ ବୟସ କେତେ ?
- ଓଡ଼ିଶା ବିଧାନସଭା ଆସନ ସଂଖ୍ୟା କେତେ ?
- ଭାରତରେ ଲୋକ ସଭା ଆସନ ସଂଖ୍ୟା କେତେ ?
- କେତେ ବର୍ଷରେ ଥରେ ଲୋକ ସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୁଏ ?
- ଭାରତରେ ନିର୍ବାଚନ କାହା ଦ୍ୱାରା ପରିଚାଳିତ ହୋଇଥାଏ ?



# ଜଣା ଅଜଣା




ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ଲକ୍ଷ୍ନୌର ସିଟି ମଣ୍ଟେସରି ସ୍କୁଲ ପୃଥିବୀର ସର୍ବବୃହତ୍ ସ୍କୁଲର ମାନ୍ୟତା ପାଇଛି। ଏଠାରେ ସର୍ବାଧିକ ୩୯,୪୩୭ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ୨୫୦୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ କରିବାର ରେକର୍ଡ ରହିଛି।



ଗୋଲ୍ଡଫିଶ୍ ଇନ୍‌ଫ୍ରାରେଡ ଏବଂ ଅଲଟ୍ରା ଭାଓଲେଟ ରଶ୍ମିକୁ ଦେଖିପାରେ ବୋଲି ଗବେଷକମାନେ ମତ ଦିଅନ୍ତି।



ଅନ୍ୟ ବାଦୁଡ଼ିଙ୍କ ତୁଳନାରେ ଭାମ୍ପାୟାର ବାଦୁଡ଼ିଙ୍କ ଅପେକ୍ଷାକୃତ କମ୍ ଦାନ୍ତ ଥାଏ। କାରଣ ଏମାନେ ଦାନ୍ତରେ ଚୋବାଇ ଖାଇବା ପରିବର୍ତ୍ତେ ଖାଦ୍ୟକୁ ଶୋଷି ଖାଇଥାନ୍ତି।



କଙ୍କଡ଼ାର ରକ୍ତର କୌଣସି ରଙ୍ଗ ନ ଥାଏ। କିନ୍ତୁ ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ଏହା ନୀଳରଙ୍ଗ ଧାରଣ କରେ।



ମନୁଷ୍ୟ ନିଜ ଜୀବନକାଳ ମଧ୍ୟରେ ପ୍ରାୟ ୬୧ ହଜାର ଲିଟର ପାଣି ପିଇଥାଏ।



ସବୁଜ ହୀରାକୁ ପୃଥିବୀର ସବୁଠାରୁ ଦୁର୍ଲଭ ଧାତୁ ଭାବେ ଅଭିହିତ କରାଯାଏ।



ବ୍ଲାକ୍ ଟି ଅପେକ୍ଷା ଗ୍ରିନ୍ ଟିରେ ୫୦ ପ୍ରତିଶତ ଅଧିକ ଭିଟାମିନ୍-ସି ଥାଏ।

ଆଇସ୍‌କ୍ରିମ୍‌ର ଉତ୍ପତ୍ତି ଖ୍ରୀଷ୍ଟପୂର୍ବ ୫୦୦ରେ ହୋଇଥିଲା। ସର୍ବପ୍ରଥମେ ଚାଇନାରେ ଆଇସ୍‌କ୍ରିମ୍ ପ୍ରସ୍ତୁତ କରାଯାଇଥିଲା ବୋଲି ଗବେଷଣାରୁ ଜଣାଯାଇଛି।



# ଆଇନା



ଅଂଶୁଲ
୧୦ ବର୍ଷ



ଅମ୍ରିତା
୮ ବର୍ଷ



ସୌମ୍ୟାଶ୍ରୀ
୧୨ ବର୍ଷ